# ଣିଜନ୍ତ

## (ପ୍ରେରଣାର୍ଥକ କ୍ରିୟାପଦ)

ପ୍ରେରଣ ବା ପ୍ରବର୍ତ୍ତାଇବା ଅର୍ଥରେ ଧାତୁରୁ ଉତ୍ତର 'ଣିଚ୍' ପ୍ରତ୍ୟୟ ଲାଗେ । 'ଣିଚ୍' ପ୍ରତ୍ୟୟ ଲାଗିଥିବା ଧାତୁକୁ ଣିଜନ୍ତ (ଣିଚ୍ + ଅନ୍ତ) ଧାତୁ କୁହାଯାଏ । ପଠନ୍ତଂ ପ୍ରେରୟତି = ପାଠୟତି ହୁଏ, ଏହା ପଢ଼ିବା ଲୋକକୁ ପ୍ରବର୍ତ୍ତାଉଛି ଅର୍ଥକୁ ବୁଝାଏ । ଏହା ପଢ଼ିବାକୁ ପ୍ରବର୍ତ୍ତାଉଛି ଅର୍ଥାତ୍ ପଠିତୁଂ ପ୍ରେରୟତି- ଏହି ଅର୍ଥକୁ ମଧ୍ୟ ବୁଝାଇଥାଏ । ଲକ୍ଷ୍ୟ କର-

ପଠ୍ + ଅ(ଶପ୍) + ତିପ୍ = ପଠତି / (ପଢୁଛି)

ଛାତ୍ରଃ ପଠତି = ଛାତ୍ର ପଢ଼େ / ପଢୁଛି ।

ପଠ୍ + ଣିଚ୍ + ଅ(ଶପ୍) + ତିପ୍ = ପାଠୟତି । (ପଢ଼ାଉଛି)

ଶିକ୍ଷକଃ ଛାତ୍ରାନ୍ ପାଠୟତି = ଶିକ୍ଷକ ଛାତ୍ରମାନଙ୍କୁ ପଢ଼ାଉଛନ୍ତି ।

ଏହିପରି - ଗମ୍ + ଅ(ଶପ୍) + ତିପ୍ = ଗଚ୍ଛତି । (ଯାଉଛି)

ବାଳକଃ ଗଚ୍ଛତି = ପିଲାଟି ଯାଉଛି ।

ଗମ୍ + ଣିଚ୍ + ଅ(ଶପ୍) + ତିପ୍ = ଗମୟତି । (ପଠାଉଛି)

ପିତା ରାମଂ ଗମୟତି = ବାପା ରାମକୁ ଯିବାକୁ ପଠାଉଛନ୍ତି ।

ଏଠାରେ 'ପଠତି' ଏବଂ 'ଗଚ୍ଛତି' ଦୁଇଟି ସାଧାରଣ କ୍ରିୟା, 'ଛାତ୍ରଃ' ଏବଂ 'ରାମଃ' କର୍ତ୍ତାରୂପେ ଏହାକୁ ପରିଚାଳନା କରୁଛନ୍ତି । ମାତ୍ର 'ପାଠୟତି' ଏବଂ 'ଗମୟତି' ଦୁଇଟି ପ୍ରେରଣାର୍ଥକ କ୍ରିୟା, କାରଣ 'ଶିକ୍ଷକଃ' ଏବଂ 'ପିତା' ନିଜେ ପଠନ ବା ଗମନ କରୁନାହାଁନ୍ତି, କିନ୍ତୁ ପଠନ ବା ଗମନ କରିବା ପାଇଁ ଯଥାକ୍ରମେ ଛାତ୍ର (ଛାତ୍ରମ୍) ଏବଂ ରାମ (ରାମମ୍)କୁ ପ୍ରେରିତ କରୁଛନ୍ତି । 'ଶିକ୍ଷକ' ପାଠୟତି କ୍ରିୟାପଦ ଓ 'ପିତା' ଗମୟତି କ୍ରିୟାପଦକୁ ପରିଚାଳିତ କରୁଥିବାରୁ ଉଭୟ ହେତୁମାନ୍ ପ୍ରୟୋଜକ କର୍ତ୍ତା ଅଟନ୍ତି ଏବଂ ଛାତ୍ର ଓ ରାମ ପଦଦୁଇଟି ପ୍ରୟୋଜ୍ୟ କର୍ତ୍ତା ଅଟନ୍ତି । ଏଠାରେ ପ୍ରୟୋଜ୍ୟଠାରେ ଦ୍ୱିତୀୟା ବିଭକ୍ତି 'ଛାତ୍ରମ୍' ଏବଂ 'ରାମମ୍' ହୋଇଛି । ଅନ୍ୟ କେତେକ ଉଦାହରଣକୁ ଲକ୍ଷ୍ୟ କର-

ନୀ + ଅ(ଶପ୍) + ତିପ୍ = ନୟତି । (ନେଉଛି)

ବାଳକଃ ଜଳଂ ନୟତି = ପିଲା ପାଣି ନେଉଛି ।

ନୀ + ଣିଚ୍ + ଅ(ଶପ୍) + ତିପ୍ = ନାୟୟତି । (ନିଆଉଛି)

ପିତା ବାଳକେନ ଜଳଂ ନାୟୟତି । ବାପା ପିଲାଦ୍ୱାରା ପାଣି ନିଆଉଛନ୍ତି ।

କୃ + ଶପ୍ + ତିପ୍ = କରୋତି । (କରୁଛି)

ସ୍ୱର୍ଣ୍ଣକାରଃ ହାରଂ କରୋତି = ସୁନାରି ହାର କରୁଛି ।

କୃ + ଣିଚ୍ + ଅ (ଶପ୍) + ତିପ୍ = କାରୟତି । (କରାଉଛି)

ମାତା ସ୍ୱର୍ଣ୍ଣକାରେଣ ହାରଂ କାରୟତି = ମାଆ ସୁନାରିଦ୍ୱାରା ହାର କରାଉଛନ୍ତି ।

ଏଠାରେ 'ନୟତି' ଏବଂ 'କରୋତି' ପଦଦୁଇଟି ସାଧାରଣ କ୍ରିୟାପଦ, ତଥା 'ନାୟୟତି' ଏବଂ 'କାରୟତି' ପଦଦୁଇଟି ପ୍ରେରଣାର୍ଥକ ବା ଣିଜନ୍ତ କ୍ରିୟାପଦ ଅଟନ୍ତି । 'ପିତା' ଏବଂ 'ମାତା' ପ୍ରୟୋଜକ କର୍ତ୍ତା ଓ 'ସ୍ୱର୍ଣ୍ଣକାର' ଏବଂ

'ବାଳକ' ପ୍ରଯୋଜ୍ୟ କର୍ତ୍ତା ଅଟନ୍ତି । ଏଠାରେ ପ୍ରଯୋଜ୍ୟ କର୍ତ୍ତାଠାରେ 'ସ୍ୱର୍ଣ୍ଣକାରେଣ ଏବଂ 'ବାଳକେନ' ହୋଇ ତୃତୀୟା ବିଭକ୍ତିରେ ପ୍ରୟୋଗ ହୋଇଛି ।

ମନେରଖ :-

(i) ପ୍ରେରଣାର୍ଥକ କ୍ରିୟାପଦ ଗଠନପାଇଁ ଧାତୁପରେ 'ଣିଚ୍' ଲାଗେ ଏବଂ ସେଥିରୁ 'ଇ' ଅବଶିଷ୍ଟ ରୁହେ (ଗମି, ପାଠି, କାରି ଓ ନାୟି) ଇତ୍ୟାଦି । 'ଣିଚ୍' ପ୍ରତ୍ୟୟ ଲାଗିଲେ ଧାତୁର ଅନ୍ତ୍ୟସ୍ୱର ଓ ଉପଧାର ବୃଦ୍ଧି (କାରୟତି) ବା ଗୁଣ (ରୋଦୟତି) ହୁଏ ।

(ii) 'ଣିଜନ୍ତ' ଧାତୁ ପ୍ରାୟ ଉଭୟପଦୀ (ପାଠୟତି / ପାଠୟତେ) ହୋଇଥାଏ, ମାତ୍ର ପରସ୍ମୈପଦୀର ବହୁଳ ବ୍ୟବହାର ଦେଖାଯାଏ । ଣିଜନ୍ତ ଧାତୁର ଚୁରାଦିଗଣୀୟ ଧାତୁପରି ରୂପ ହୁଏ । ଯଥା:- ପାଠୟତି, ପାଠୟେତ୍, ପାଠୟତୁ, ଅପାଠୟତ୍ ଓ ପାଠୟିଷ୍ୟତି ଆଦି ।

(iii) ପ୍ରଯୋଜ୍ୟ କର୍ତ୍ତାଠାରେ ଅର୍ଥ ଅନୁସାରେ ଦ୍ୱିତୀୟା କିମ୍ବା ତୃତୀୟା ବିଭକ୍ତି ହୁଏ । ମାତା ପୁତ୍ରମ୍ ଅନ୍ନଂ ଭୋଜୟତି । ମାତା ପୁତ୍ରେଣ ଜଳଂ ନାୟୟତି ।

(iv) ପ୍ରଯୋଜକ କର୍ତ୍ତା ଅନୁସାରେ ଣିଜନ୍ତ କ୍ରିୟାର ପ୍ରୟୋଗ ହୁଏ ।

କେତେକ ଧାତୁର ଣିଜନ୍ତରେ ଲଟ୍‌ଲକାର ପ୍ରଥମ ପୁରୁଷ ଏକବଚନରେ ପରସ୍ମୈପଦୀ ରୂପ ନିମ୍ନରେ ପ୍ରଦତ୍ତ ହେଉଛି, ଲକ୍ଷ୍ୟ କର-

| ମୂଳଧାତୁ | ଅଣିଜନ୍ତ ରୂପ | ଅର୍ଥ | ଣିଜନ୍ତ ଧାତୁ | ଲଟ୍ ପ୍ରଥମ ପୁରୁଷ ଏକବଚନରେ ରୂପ |
|---|---|---|---|---|
| ପଠ୍ | ପଠତି | ପଢୁଛି | ପାଠି | ପାଠୟତି |
| ଗମ୍ | ଗଚ୍ଛତି | ଯାଉଛି | ଗମି | ଗମୟତି |
| ଦୃଶ୍ | ପଶ୍ୟତି | ଦେଖୁଛି | ଦର୍ଶି | ଦର୍ଶୟତି |
| ଭୂ | ଭବତି | ହେଉଛି | ଭାବି | ଭାବୟତି |
| ଅସ୍ | ଅସ୍ତି | ଅଛି | ଭାବି | ଭାବୟତି |
| କୃ | କରୋତି | କରୁଛି | କାରି | କାରୟତି |
| ହସ୍ | ହସତି | ହସୁଛି | ହାସି | ହାସୟତି |
| କ୍ରୀଡ଼୍ | କ୍ରୀଡ଼ତି | ଖେଳୁଛି | କ୍ରୀଡ଼ି | କ୍ରୀଡ଼ୟତି |
| ଖେଳ୍ | ଖେଳତି | ଖେଳୁଛି | ଖେଳି | ଖେଳୟତି |
| ଭ୍ରମ୍ | ଭ୍ରମତି | ବୁଲୁଛି | ଭ୍ରାମି | ଭ୍ରାମୟତି |
| ଗ୍ରହ୍ | ଗୃହ୍ଣାତି | ଗ୍ରହଣ କରୁଛି | ଗ୍ରାହି | ଗ୍ରାହୟତି |
| ହନ୍ | ହନ୍ତି | ମାରୁଛି | ଘାତି | ଘାତୟତି |
| ମୃ | ମ୍ରିୟତେ | ମରୁଛି | ମାରି | ମାରୟତି |
| ତପ୍ | ତପତି | ଉତ୍ତାପ ଦେଉଛି | ତାପି | ତାପୟତି |
| ଜପ୍ | ଜପତି | ଜପୁଛି | ଜାପି | ଜାପୟତି |

| | | | | |
|---|---|---|---|---|
| ପ୍ରଚ୍ଛ୍ | ପୃଚ୍ଛତି | ପଚାରୁଛି | ପ୍ରଚ୍ଛି | ପ୍ରଚ୍ଛୟତି |
| ଲିଖ୍ | ଲିଖତି | ଲେଖୁଛି | ଲେଖି | ଲେଖୟତି |
| ଶ୍ରୁ | ଶୃଣୋତି | ଶୁଣୁଛି | ଶ୍ରାବି | ଶ୍ରାବୟତି |
| ମୁଚ୍ | ମୁଞ୍ଚତି | ମୋଚନକରୁଛି | ମୋଚି | ମୋଚୟତି |
| ଚି | ଚିନୋତି | ତୋଳୁଛି | ଚାୟି | ଚାୟୟତି |
| ଖାଦ୍ | ଖାଦତି | ଖାଉଛି | ଖାଦି | ଖାଦୟତି |
| ଚଲ୍ | ଚଳତି | ଚାଲୁଛି | ଚାଲି | ଚାଲୟତି |
| ପଚ୍ | ପଚତି | ପାକକରୁଛି | ପାଚି | ପାଚୟତି |
| ବୁଧ୍ | ବୋଧତି | ବୁଝୁଛି | ବୋଧି | ବୋଧୟତି |
| ନୀ | ନୟତି | ନେଉଛି | ନାୟି | ନାୟୟତି |
| ଭୀ | ବିଭେତି | ଡରୁଛି | ଭାୟି | ଭାୟୟତି |
| ପା | ପିବତି | ପିଉଛି | ପାୟି | ପାୟୟତି |
| ସ୍ମୃ | ସ୍ମରତି | ସ୍ମରଣ କରୁଛି | ସ୍ମାରି | ସ୍ମାରୟତି |
| ଲଭ୍ | ଲଭତେ | ଲାଭକରୁଛି | ଲମ୍ଭି | ଲମ୍ଭୟତି |
| ଶୀ | ଶେତେ | ଶୋଇଛି | ଶାୟି | ଶାୟୟତି |
| ଜନ୍ | ଜାୟତେ | ଜନ୍ମହେଉଛି | ଜନି | ଜନୟତି |
| ବ୍ୟଥ୍ | ବ୍ୟଥତେ | ପୀଡ଼ାହେଉଛି | ବ୍ୟଥି | ବ୍ୟଥୟତି |
| ରୁଦ୍ | ରୋଦିତି | କାନ୍ଦୁଛି | ରୋଦି | ରୋଦୟତି |
| ନୃତ୍ | ନୃତ୍ୟତି | ନାଚୁଛି | ନର୍ତ୍ତି | ନର୍ତ୍ତୟତି |
| ବିଦ୍ | ବେତ୍ତି | ଜାଣୁଛି | ବେଦି | ବେଦୟତି |
| ହ୍ୱେ | ହ୍ୱୟତେ | ଡାକୁଛି | ହ୍ୱାୟି | ହ୍ୱାୟୟତି |
| ବେ | ବୟତି | ବୁଣୁଛି | ବାୟି | ବାୟୟତି |
| ଅଦ୍ | ଅତ୍ତି | ଖାଉଛି | ଆଦି | ଆଦୟତି |
| କ୍ରନ୍ଦ୍ | କ୍ରନ୍ଦତି | କାନ୍ଦୁଛି | କ୍ରନ୍ଦି | କ୍ରନ୍ଦୟତି |
| ନଶ୍ | ନଶ୍ୟତି | ନଷ୍ଟହେଉଛି | ନାଶି | ନାଶୟତି |
| ବିଶ୍ | ବିଶତି | ପ୍ରବେଶକରୁଛି | ବେଶି | ବେଶୟତି |
| ଭିଦ୍ | ଭିନତ୍ତି | ଭେଦକରୁଛି | ଭେଦି | ଭେଦୟତି |
| ଛିଦ୍ | ଛିନତ୍ତି | ଛେଦନକରୁଛି | ଛେଦି | ଛେଦୟତି |
| ଭୁଜ୍ | ଭୁଙ୍କ୍ତେ | ଖାଉଛି | ଭୋଜି | ଭୋଜୟତି |

| | | | | |
|---|---|---|---|---|
| ବହ୍ | ବହତି | ବହନକରୁଛି | ବାହି | ବାହୟତି |
| ହୃ | ହରତି | ହରଣକରୁଛି | ହାରି | ହାରୟତି |
| ତୃ | ତରତି | ତରଣକରୁଛି | ତାରି | ତାରୟତି |
| ତ୍ୟଜ୍ | ତ୍ୟଜତି | ତ୍ୟାଗକରୁଛି | ତ୍ୟାଜି | ତ୍ୟାଜୟତି |
| ରୁହ୍ | ରୋହତି | ଆରୋହଣକରୁଛି | ରୋହି | ରୋହୟତି |
| ରୁହ୍ | ରୋହତେ | ଗଜାଉଛି | ରୋପି | ରୋପୟତି |
| ବ୍ରୂ / ବଚ୍ | ବ୍ରବୀତି/ବ୍ରୂତେ/ବକ୍ତି | କହୁଛି | ବାଚି | ବାଚୟତି |

ଉପର୍ଯ୍ୟୁକ୍ତ ଧାତୁଗୁଡ଼ିକର 'ଣିଚ୍' ପ୍ରତ୍ୟୟସ୍ଥ 'ଇ'ର ଗୁଣ ହୋଇ 'ଅୟ୍'ରେ ରୂପାନ୍ତର ଘଟିଛି । ଅନ୍ୟ କେତେକ ଧାତୁର ଣିଜନ୍ତ ରୂପରେ ସାମାନ୍ୟ ପରିବର୍ତ୍ତନ ('ପୁକ୍'ର ଆଗମ) ହୋଇଥାଏ । ଲକ୍ଷ୍ୟ କର–

| ମୂଳଧାତୁ | ଅଣିଜନ୍ତ ରୂପ | ଅର୍ଥ | ଣିଜନ୍ତ ରୂପ | ଲଟ୍ ପ୍ରଥମ ପୁରୁଷ ଏକବଚନରେ ରୂପ |
|---|---|---|---|---|
| ସ୍ଥା | ତିଷ୍ଠତି | ରହୁଛି | ସ୍ଥାପି | ସ୍ଥାପୟତି |
| ଦା | ଦଦାତି | ଦେଉଛି | ଦାପି | ଦାପୟତି |
| ଯା | ଯାତି | ଯାଉଛି | ଯାପି | ଯାପୟତି |
| ଜ୍ଞା | ଜାନାତି | ଜାଣୁଛି | ଜ୍ଞାପି | ଜ୍ଞାପୟତି / ଜ୍ଞପୟତି |
| ଧା | ଦଧାତି | ଧାରଣକରୁଛି | ଧାପି | ଧାପୟତି |
| ସ୍ନା | ସ୍ନାତି | ଗାଧୋଉଛି | ସ୍ନାପି | ସ୍ନାପୟତି / ସ୍ନପୟତି |
| ମା | ମାତି | ମାନନିର୍ଦ୍ଧାରଣକରୁଛି | ମାପି | ମାପୟତି |
| କ୍ରୀ | କ୍ରୀଣାତି | କିଣୁଛି | କ୍ରାପି | କ୍ରାପୟତି |

କେତେକ ଉପସର୍ଗଯୁକ୍ତ ଧାତୁର ଣିଜନ୍ତ ରୂପକୁ ଲକ୍ଷ୍ୟକର–

| ଉପସର୍ଗଯୁକ୍ତ ଧାତୁ | ଅଣିଜନ୍ତ ରୂପ | ଅର୍ଥ | ଣିଜନ୍ତ ରୂପ | ଲଟ୍ ପ୍ରଥମ ପୁରୁଷ ଏକ ବଚନରେ ରୂପ |
|---|---|---|---|---|
| ଆ-ଗମ୍ | ଆଗଚ୍ଛତି | ଆସୁଛି | ଆଗମି | ଆଗମୟତି |
| ପରି-ଧା | ପରିଦଧାତି | ପିନ୍ଧୁଛି | ପରିଧାପି | ପରିଧାପୟତି |
| ଅଧି-ଇ | ଅଧ୍ୟେତି | ପଢୁଛି | ଅଧ୍ୟାପି | ଅଧ୍ୟାପୟତି |
| ପ୍ର-ଆପ୍ | ପ୍ରାପ୍ନୋତି | ପାଉଛି | ପ୍ରାପି | ପ୍ରାପୟତି |
| ସମ୍-ଗ୍ରହ୍ | ସଂଗୃହ୍ଣାତି | ସଂଗ୍ରହକରୁଛି | ସଂଗ୍ରାହି | ସଂଗ୍ରାହୟତି |

ଣିଜନ୍ତ ଧାତୁର ଆତ୍ମନେପଦୀ ରୂପ ସେବ୍ ଧାତୁପରି ହୋଇଥାଏ । ଯଥା:– ପାଠୟତେ, ପାଠୟେତ, ପାଠୟତାମ୍, ଅପାଠୟତ, ପାଠୟିଷ୍ୟତେ ଇତ୍ୟାଦି ।

କେତେକ ଧାତୁର ଣିଜନ୍ତରେ ଅର୍ଥଗତ ପରିବର୍ତ୍ତନ ସହିତ ବିକଳ୍ପରୂପ ମଧ୍ୟ ହୋଇଥାଏ । ନିମ୍ନସ୍ଥ ଉଦାହରଣଗୁଡ଼ିକୁ ଲକ୍ଷ୍ୟ କର–

ଚଲ୍ ଧାତୁ ଣିଜନ୍ତରେ ଉଭୟ ଚଳି ଓ ଚାଳି ହୋଇଥାଏ ।

ପବନଃ ଲତାଂ ଚଳୟତି - ପବନ ଲତାକୁ ହଲାଉଛି ।

ମୁଖ୍ୟମନ୍ତ୍ରୀ ରାଜ୍ୟଂ ଚାଳୟତି - ମୁଖ୍ୟମନ୍ତ୍ରୀ ରାଜ୍ୟ ଚଳାଉଛନ୍ତି ।

ଅଶ୍ୱପାଳଃ ଅଶ୍ୱଂ ଚାଳୟତି - ଅଶ୍ୱପାଳକ ଅଶ୍ୱକୁ ଚଳାଉଛି ।

ଏହିପରି- ସର୍ପଃ ଜନାନ୍ ଭୀଷୟତେ । ସାପ ଲୋକଙ୍କୁ ଡରାଉଛି ।

ମାତା କୁଞ୍ଚିକୟା ବାଳଂ ଭାୟୟତି - ମା' ଚାବି ଦେଖାଇ ପିଲାଙ୍କୁ ଡରାଉଛନ୍ତି । (କୁଞ୍ଚିକା- 'ଚାବି' ଏବଂ 'କୋଚିଆ' ସାପପରି ଏକ ବିଷହୀନ ଜଳଜୀବ)

ମନେରଖ- କର୍ତ୍ତା ନିଜେ ଭୟର କାରଣ ହେଲେ ଣିଜନ୍ତରେ 'ଭୀଷୟତେ' ରୂପ ହୁଏ, ମାତ୍ର କର୍ତ୍ତା ଅନ୍ୟଦ୍ୱାରା ଭୟଜାତ କରାଇଲେ 'ଭାୟୟତି' ରୂପ ହୁଏ ।

ସନ୍ନ୍ୟାସୀ ତପଃ ସେଧୟତି - ସନ୍ନ୍ୟାସୀ ତପଃ ସାଧନ କରୁଛନ୍ତି ।

ପାଚକଃ ଅନ୍ନଂ ସାଧୟତି - ରୋଷେୟା ଭାତ ରାନ୍ଧୁଛି ।

**ମନେରଖ-** ପରଲୋକ ପାଇଁ କର୍ମସାଧନ ହେଲେ 'ସିଧ୍' ଧାତୁର ଣିଜନ୍ତରେ 'ସେଧୟତି' ଓ ଇହଲୋକପାଇଁ କର୍ମସାଧନରେ 'ସାଧୟତି' ରୂପ ହୁଏ ।

ଲକ୍ଷ୍ୟକର-

ବ୍ୟାଧଃ ମୃଗାନ୍ ରଜୟତି - ଶିକାରୀ ମୃଗମାନଙ୍କୁ ମାରୁଛି ।

ରଜକଃ ବସ୍ତ୍ରଂ ରଞ୍ଜୟତି - ଧୋବା ଲୁଗା ରଙ୍ଗ କରୁଛି ।

ଗାୟକଃ ଜନାନ୍ ରଞ୍ଜୟତି - ଗାୟକ ଲୋକଙ୍କ ମନୋରଞ୍ଜନ କରୁଛି ।

ଶିକାର କରିବା ଅର୍ଥରେ ରନ୍ଜ୍ ଧାତୁର ଣିଜନ୍ତରେ ରଜୟତି ଓ ରଙ୍ଗ କରିବା ତଥା ମନୋରଞ୍ଜନ କରିବା ଅର୍ଥରେ ରଞ୍ଜୟତି ରୂପ ହୋଇଥାଏ ।

ଐନ୍ଦ୍ରଜାଲିକଃ ଜନାନ୍ ବିସ୍ମାପୟତେ ।

ଯାଦୁକର ଲୋକଙ୍କୁ ବିସ୍ମିତ କରୁଛି ।

ଐନ୍ଦ୍ରଜାଲିକଃ ପୁତ୍ତଳିକୟା ଜନାନ୍ ବିସ୍ମାୟୟତି ।

ଯାଦୁକର କଣ୍ଢେଇଦ୍ୱାରା ଲୋକଙ୍କୁ ବିସ୍ମିତ କରୁଛି ।

ମନେରଖ- କର୍ତ୍ତା ନିଜେ ବିସ୍ମୟର କାରଣ ହେଲେ ବି-ସ୍ମି ଧାତୁର ଣିଜନ୍ତରେ 'ବିସ୍ମାପୟତେ' ରୂପ ହୁଏ, କିନ୍ତୁ ଅନ୍ୟ ଦ୍ୱାରା ବିସ୍ମୟ ଜାତ କରାଇଲେ 'ବିସ୍ମାୟୟତି' ରୂପ ହୁଏ । ଏହିପରି-

ବାଳକଃ ଗୀତଂ ନିଶମୟତି - ବାଳକ ଗୀତ ଶୁଣୁଛି ।

ବାଳିକା ଚନ୍ଦ୍ରଂ ନିଶାମୟତି - ବାଳିକା ଚନ୍ଦ୍ରକୁ ଦେଖୁଛି ।

ମନେରଖ- ଶୁଣିବା ଅର୍ଥରେ ନି-ଶମ୍ ଧାତୁର ଣିଜନ୍ତରେ 'ନିଶମୟତି' ଓ ଦେଖିବା ଅର୍ଥରେ 'ନିଶାମୟତି' ରୂପ ହୁଏ । ଏହା ଣିଜନ୍ତ ଅନ୍ତର୍ଗତ ହୋଇଥିଲେ ମଧ୍ୟ ଚୁରାଦିଗଣୀୟ ଧାତୁପରି ସାଧାରଣ କ୍ରିୟାରୂପେ ବ୍ୟବହୃତ ହୋଇଥାନ୍ତି ।

କେତେକ ସାଧାରଣ ପ୍ରଚଳିତ ଧାତୁର ବିଭିନ୍ନ ଲକାରରେ ପରସ୍ମୈପଦୀ ଣିଜନ୍ତ ରୂପ ନିମ୍ନରେ ଦିଆଗଲା ।

| **ଧାତୁ** | **ଲଟ୍** | **ଲଙ୍** | **ବିଧିଲିଙ୍** | **ଲୋଟ୍** | **ଲୃଟ୍** |
|---|---|---|---|---|---|
| ପଠ୍ | ପାଠୟତି | ଅପାଠୟତ୍ | ପାଠୟେତ୍ | ପାଠୟତୁ | ପାଠୟିଷ୍ୟତି |

| | | | | | |
|---|---|---|---|---|---|
| ଗମ୍ | ଗମୟତି | ଅଗମୟତ୍ | ଗମୟେତ୍ | ଗମୟତୁ | ଗମୟିଷ୍ୟତି |
| ଦୃଶ୍ | ଦର୍ଶୟତି | ଅଦର୍ଶୟତ୍ | ଦର୍ଶୟେତ୍ | ଦର୍ଶୟତୁ | ଦର୍ଶୟିଷ୍ୟତି |
| ପା | ପାୟୟତି | ଅପାୟୟତ୍ | ପାୟୟେତ୍ | ପାୟୟତୁ | ପାୟୟିଷ୍ୟତି |
| ସ୍ଥା | ସ୍ଥାପୟତି | ଅସ୍ଥାପୟତ୍ | ସ୍ଥାପୟେତ୍ | ସ୍ଥାପୟତୁ | ସ୍ଥାପୟିଷ୍ୟତି |
| ନୀ | ନାୟୟତି | ଅନାୟୟତ୍ | ନାୟୟେତ୍ | ନାୟୟତୁ | ନାୟୟିଷ୍ୟତି |
| ଭୂ | ଭାବୟତି | ଅଭାବୟତ୍ | ଭାବୟେତ୍ | ଭାବୟତୁ | ଭାବୟିଷ୍ୟତି |
| କୃ | କାରୟତି | ଅକାରୟତ୍ | କାରୟେତ୍ | କାରୟତୁ | କାରୟିଷ୍ୟତି |
| ଦା | ଦାପୟତି | ଅଦାପୟତ୍ | ଦାପୟେତ୍ | ଦାପୟତୁ | ଦାପୟିଷ୍ୟତି |
| ଜ୍ଞା | ଜ୍ଞାପୟତି | ଅଜ୍ଞାପୟତ୍ | ଜ୍ଞାପୟେତ୍ | ଜ୍ଞାପୟତୁ | ଜ୍ଞାପୟିଷ୍ୟତି |
| ଶ୍ରୁ | ଶ୍ରାବୟତି | ଅଶ୍ରାବୟତ୍ | ଶ୍ରାବୟେତ୍ | ଶ୍ରାବୟତୁ | ଶ୍ରାବୟିଷ୍ୟତି |
| ହନ୍ | ଘାତୟତି | ଅଘାତୟତ୍ | ଘାତୟେତ୍ | ଘାତୟତୁ | ଘାତୟିଷ୍ୟତି |
| ଗ୍ରହ୍ | ଗ୍ରାହୟତି | ଅଗ୍ରାହୟତ୍ | ଗ୍ରାହୟେତ୍ | ଗ୍ରାହୟତୁ | ଗ୍ରାହୟିଷ୍ୟତି |
| ପ୍ରୀ | ପ୍ରୀଣୟତି | ଅପ୍ରୀଣୟତ୍ | ପ୍ରୀଣୟେତ୍ | ପ୍ରୀଣୟତୁ | ପ୍ରୀଣୟିଷ୍ୟତି |
| ପତ୍ | ପାତୟତି | ଅପାତୟତ୍ | ପାତୟେତ୍ | ପାତୟତୁ | ପାତୟିଷ୍ୟତି |
| ଲଭ୍ | ଲମ୍ଭୟତି | ଅଲମ୍ଭୟତ୍ | ଲମ୍ଭୟେତ୍ | ଲମ୍ଭୟତୁ | ଲମ୍ଭୟିଷ୍ୟତି |
| ଶୀ | ଶାୟୟତି | ଅଶାୟୟତ୍ | ଶାୟୟେତ୍ | ଶାୟୟତୁ | ଶାୟୟିଷ୍ୟତି |
| ଭୁଜ୍ | ଭୋଜୟତି | ଅଭୋଜୟତ୍ | ଭୋଜୟେତ୍ | ଭୋଜୟତୁ | ଭୋଜୟିଷ୍ୟତି |

## ଅଭ୍ୟାସ

**୧ । ସଂସ୍କୃତଭାଷୟା ଅନୁବାଦଂ କୁରୁତ ।**

(କ) ମାଆ ଝିଅକୁ ଶେଯରେ ଶୁଆଉଛନ୍ତି ।

(ଖ) ବାପା ପୁଅକୁ ଚନ୍ଦ୍ର ଦେଖାଇବେ ।

(ଗ) ମୁଁ ତୁମଦ୍ୱାରା ଫୁଲଗୁଡ଼ିକ ତୋଳାଇବି ।

(ଘ) ରମା ସୀମାକୁ ନିଦରୁ ଉଠାଉଛି ।

(ଙ) ମାମୁଁ ଆମକୁ ଗପ ଶୁଣାଇଲେ ।

(ଚ) ସେମାନେ ତୁମକୁ କାହିଁକି ଡକାଇଛନ୍ତି ?

(ଛ) ବାପା ରାମଦ୍ୱାରା ବହିଗୁଡ଼ିକୁ ରଖାଉଛନ୍ତି ।

(ଜ) ଗୁରୁମା' ତୁମକୁ ସାହିତ୍ୟ ପଢ଼ାଇବା ଉଚିତ ।

(ଝ) ତୁମକୁ କିଏ ଲୁଗା ପିନ୍ଧାଇଛି ?

(ଞ) ଆଈ ନାତୁଣୀକୁ ଗାଧୋଇଦେବେ ।

(ଟ) ଶିକ୍ଷକ ଛାତ୍ରମାନଙ୍କ ଦ୍ୱାରା ଉତ୍ତର କରାଉଛନ୍ତି ।

(ଠ) ନର୍ତ୍ତକ ଲୋକମାନଙ୍କ ମନୋରଞ୍ଜନ କରୁଛି ।

(ଡ) ସରକାର ଜନତାଙ୍କୁ ନିବେଦନ କରୁଛନ୍ତି ।

(ଢ) ଗୋବିନ୍ଦ ମୂଲିଆଦ୍ୱାରା ଜିନିଷପତ୍ର ବୁହାଇଲେ ।

(ଣ) ବଡ଼ଭଉଣୀ ସାନଭାଇକୁ ନିୟମସବୁ ବୁଝାଇଦେବା ଉଚିତ ।

**୨। ଅଧୋଲିଖିତପଦାନି ବ୍ୟବହୃତ୍ୟ ସଂସ୍କୃତେନ ବାକ୍ୟରଚନଂ କୁରୁତ ।**

ଅଧ୍ୟାପୟତି, ଭୀଷୟତେ, ରଜୟତି, ଦାପୟାମି, ଶ୍ରାବୟସି, ଅଜ୍ଞାପୟତ୍, କ୍ରନ୍ଦୟେତ୍, ଜାଗରୟତି, ଘାତୟତୁ, ଅରୋଦୟତ୍ ।

**୩। ସ୍ତମ୍ଭମେଳନଂ କୁରୁତ ।**

| **କ - ସ୍ତମ୍ଭଃ** | **ଖ - ସ୍ତମ୍ଭଃ** |
|---|---|
| ଗୃହ୍ଣନ୍ତଂ ପ୍ରେରୟ | ଘ୍ରାପୟନ୍ତି |
| ଲଭମାନଂ ପ୍ରେରୟାମି | ଅଦର୍ଶୟତ୍ |
| ରୁଦନ୍ତଂ ପ୍ରେରୟସି | ଗାପୟତୁ |
| ସ୍ୱାନ୍ତଂ ପ୍ରେରୟେତ୍ | ଗ୍ରାହୟ |
| ପଶ୍ୟନ୍ତଂ ପ୍ରୈରୟତ୍ | ରମୟିଷ୍ୟାମି |
| କୁର୍ବନ୍ତଂ ପ୍ରେରୟିଷ୍ୟନ୍ତି | ଲମ୍ଭୟାମି |
| ଗାୟନ୍ତଂ ପ୍ରେରୟତୁ | ଚାରୟସି |
| ଚରନ୍ତଂ ପ୍ରେରୟସି | ରୋଦୟସି |
| ରମନ୍ତଂ ପ୍ରେରୟିଷ୍ୟାମି | ସ୍ୱାପୟେତ୍ |
| ଜିଘ୍ରନ୍ତଂ ପ୍ରେରୟନ୍ତି | କାରୟିଷ୍ୟନ୍ତି |

**୪। ସଂଶୋଧନଂ କୁରୁତ ।**

(କ) ରଜକଃ ବସ୍ତ୍ରାଣି ରଜୟତି ।

(ଖ) ବୀରଃ ଖଡ୍ଗେନ ଶତ୍ରୂନ୍ ଭୀଷୟତେ ।

(ଗ) ଗୁରୁଃ ଶିଷ୍ୟାନ୍ ବ୍ୟାକରଣମ୍ ଅଧ୍ୟାୟୟତି ।

(ଘ) ନେତା ହସ୍ତଂ ଚାଳୟତି ।

(ଙ) ତ୍ୱଂ କେନ ଖାତିକାମ୍ ଅକ୍ରାପୟ ?

(ଚ) ଶିଶୁଃ ସଂଖ୍ୟାଃ ଗଣୟ ।

(ଛ) ଗୃହସ୍ଥଃ ଶ୍ରମିକୈଃ କାଷ୍ଠାନି ଛିନତ୍ତି ।

(ଜ) ତ୍ୱଂ ମାଂ କଥଂ ହସୟତି ?

(ଝ) ଗାୟକଃ ଛାତ୍ରଂ ଗାୟୟତୁ ।

(ଞ) ଜନାଃ ମାର୍ଗେ ଦୁର୍ଘଟନାଂ ଘଟୟତି ।

**୫। ଣିଜନ୍ତରୂପାଣି ଲିଖତ ।**

ଯଥା: ପଠତି = ପାଠୟତି

ଜାୟନ୍ତେ, ଲଭତେ, ଶେରତେ, ଗୃହ୍ଣାତି, ଅହନ୍, ପତତୁ, ପୃଚ୍ଛାମଃ, ଜୟନ୍ତି, ଜାନାସି, ପଠେୟୁଃ

**୬। ନିର୍ଦ୍ଦେଶାନୁସାରେଣ ଣିଜନ୍ତରୂପାଣି ଲିଖତ ।**

କୃ- ବିଧିଲିଙ୍ଗି ଉତ୍ତମ ପୁରୁଷୈକବଚନେ ।

ସ୍ଥା- ଲୋଟି ମଧ୍ୟମପୁରୁଷ ବହୁବଚନେ ।

କ୍ରୀ- ଲଙ୍ଗି ପ୍ରଥମପୁରୁଷ ବହୁ ବଚନେ ।

ଗୈ- ଲଟି ପ୍ରଥମପୁରୁଷ ବହୁବଚନେ ।

ଗ୍ରହ୍- ଲୁଟି ଉତ୍ତମ ପୁରୁଷ ଦ୍ୱିବଚନେ ।

ଛିଦ୍- ଲୃଟି ଉତ୍ତମପୁରୁଷୈକବଚନେ ।

ଭୁଜ୍- ଲୋଟି ପ୍ରଥମପୁରୁଷ ବହୁବଚନ ।

**୭। ଅର୍ଥଭେଦଂ କୁରୁତ ।**

ରଜୟତି - ରଞ୍ଜୟତି ।

ଭୀଷୟତେ - ଭାୟୟତି ।

ନିଶମୟତି - ନିଶାମୟତି ।

ସାଧୟତି - ସେଧୟତି ।

ଚଳୟତି - ଚାଳୟତି ।

**୮। ବନ୍ଧନୀମଧ୍ୟାତ୍ ଶୁଦ୍ଧମ୍ ଉତ୍ତରଂ ନିରୂପୟତ ।**

ଦଦତଂ ପ୍ରେରୟତି - (ଦଦୟତି, ଦାନୟତି, ଦାପୟତି)

ଗଚ୍ଛନ୍ତଂ ପ୍ରେରୟ - (ଗଚ୍ଛୟ, ଗାମୟ, ଗମୟ)

କୁର୍ବନ୍ତଂ ପ୍ରେରୟସି- (କରୋଷି, କାରୟସି, କର୍ତ୍ତୟସି)

କ୍ରୀଣନ୍ତଂ ପ୍ରୈରୟତ୍- (ଅକ୍ରାପୟତ୍, କ୍ରାପୟତି, କ୍ରେତୟତି)

ପଠନ୍ତଂ ପ୍ରେରୟାମି- (ପଠୟାମି, ପାଠୟାମି, ପାଠାୟମି)

ପଶ୍ୟନ୍ତଂ ପ୍ରେରୟେତ୍- (ଦର୍ଶୟତି, ଦର୍ଶୟେତ୍, ପଶେୟତ୍)

ଶୃଣ୍ୱନ୍ତଂ ପ୍ରେରୟିଷ୍ୟାମି- (ଶ୍ରାବୟାମି, ଶ୍ରାବୟମି, ଶ୍ରାବୟିଷ୍ୟାମି)